# Akashvani, Sambalpur

# SAMBALPURI NEWS BULLETIN

## 22 March 2025- 6.47- 6.52 am.

*************************************************

କଳିଙ୍ଗ ସାହିତ୍ୟ ମହୋତ୍ସବ୍           I&PR

ଗତିଶୀଲ୍ ବିବିଧତା ଭାରତ୍‌ର ସମୃଦ୍ଧ ଭାଷା ପରମ୍ପରାର ସୌନ୍ଦର୍ଯ୍ୟ ଆଏ ବଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବନେଶ୍ୱର୍‌ଠାନେ ୧୧ ନମ୍ବର କଳିଙ୍ଗ ସାହିତ୍ୟ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରି କରି ରାଜ୍ୟପାଳ କହିଛନ୍, ଭାଷା ଯୋଗାଯୋଗ୍‌ର ଗୁଟେ ମାଧ୍ୟମ୍ ହେବାର୍ ସହେତେ ଲୁକ୍‌କୁ ସଂସ୍କୃତି ସାଙ୍ଗେ ଜୁଡ଼୍‌ବାର୍ କାମ୍ କର୍‌ସି । କଳିଙ୍ଗ ସାହିତ୍ୟ ମହୋତ୍ସବ୍ ବିଶ୍ୱସ୍ତର୍‌ନ ଦେଶର୍ ସମୃଦ୍ଧ ସାହିତ୍ୟିକ୍ ଆଉ କଳାତ୍ମମ୍ ଐତିହ୍ୟକେ ତହଁକାବାର୍ ଦିଗେ ସାଂସ୍କୃତିକ୍ ରାଷ୍ଟ୍ରଦୂତ ଭାବେ କାମ୍ କରୁଛେ ବଲି ରାଜ୍ୟପାଳ କହିଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂହ ସେଖାୱତ୍ ଆଉ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା ଏଚ୍. କ୍ରିଷ୍ଣାମୂର୍ତି ଉପସ୍ଥିତ୍ ଥିଲେ ।

ବିଶ୍ୱ ଜଲ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଜଲ୍ ଦିବସ୍ । ୧୯୯୩ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଜଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ର 'ହିମ ଧାରାର୍ ସୁରକ୍ଷା' ବାର୍ତା ନେଇକରି ବିଶ୍ୱ ଜଲ ଦିବସ୍ ପାଲନ୍ କରାଯିବା । ବିଶ୍ୱ ତାପନ୍ ଲାଗି ବରଫ୍ ତର୍‌ଲିକରି ଦିନୁ ଦିନ୍‌କେ ସମୁଦ୍ରର୍ ଜଲ୍‌ସ୍ତର୍ ବଢ୍‌ବାର୍‌କେ ଲାଗିଛେ । ଇତାର୍ ସମ୍ଭାବ୍ୟ ବିପଦ୍‌ର ମୁବାକିଲା ଲାଗି ସାରାପୁର୍‌ଥିନ ଇହାଦେ ଗ୍ଲେସିଅର୍‌ର ସୁରକ୍ଷା ଦିଗେ ସଚେତନ୍‌ତା କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକ ସେବା ଭବନ ସମ୍ମିଳନୀ କକ୍ଷଠାନେ ବିଶ୍ୱ ଜଲ୍ ଦିବସ୍ ସମାରୋହ ୨୦୨୫ କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି 'ଗୋ ୱାଟର୍-ୱାଟର୍ ଇଆର୍‌ପି'ର ଉନ୍ମୋଚନ୍ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଏଜର୍ ୧୦୦ଟା ଆଡ଼ିବନ୍ଧ ଆଉ ୪ଟା କ୍ଷୁଦ୍ର ଭୂତଲ୍ ପାଇପ୍ ଲାଇନ୍ ଜଲ୍‌ସେଚନ୍ ପ୍ରକଳ୍ପର୍ ଲୋକାର୍ପଣ ଆଉ ୧୮ଟା ବୃହତ୍ ଉଠାଜଲସେଚନ୍ ପ୍ରକଳ୍ପର ଶିଳାନ୍ୟାସ୍ କର୍‌ବେ ବଲି ରାଜ୍ୟ ଜଲ୍ ସମ୍ପଦ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା ୨୪ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଏପ୍ରିଲ୍ ୧ନୁ ଆୟୁଷ୍ମାନ୍ ଭାରତ୍ ଲାଗୁ- I&PR

ରାଏଜେ ଏପ୍ରିଲ ୧ ତାରିଖ୍‌ନୁ ଆୟୁଷ୍ମାନ୍ ଭାରତ୍ ଆଉ ଗୋପବନ୍ଧୁ ସ୍ୱାସ୍ଥ୍ୟ ଜନ ଆରୋଗ୍ୟ ଯୋଜ୍‌ନା ଲାଗୁ ହେବା । ସେହିଦିନ ରାଏଜେ ଫି’ ପ୍ରାଥମିକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଆୟୁଷ୍ମାନ୍ କାର୍ଡ ଭିଲ୍ ବଂଟାଯିବା । ସବୁ ପିଏଚ୍‌ସି ନ ୧ ହଜାର ଲୁକ୍‌କୁ କାର୍ଡ ଦିଆଯିବା । ଫି ଗାଁନୁ ୨୫ ଝନ୍‌ଙ୍କୁ ଆୟୁଷ୍ମାନ୍ କାର୍ଡ ଦିଆଯିବା । ଇଥିର୍ ଲାଗି ସବୁ ପିଏଚ୍‌ସିକେ ଅଢ଼େଇ ଲାଖ୍ ଲେଖା ଟଙ୍କା ଦିଆଯାଇଛେ । ଇ ବାବଦ୍ ପ୍ରସ୍ତାବ୍‌କେ ରାଜ୍ୟ କେବିନେଟ୍ ନ ମଞ୍ଜୁରି ମିଲଛେ ବଲି ଗଲାକାଏଲ୍ ବିଧାନସଭାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚ୍‌ନା ଦେଇଛନ୍ । ଇଥି ରାଜ୍ୟର ୩ କୋଟି ୪୬ ଲାକ୍ ଲୋକ୍ ଉପକୃତ୍ ହେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପୁଲିସ ଡିଜି ସମୀକ୍ଷା I&PR

ରାମନବମୀ, ହନୁମାନ ଜୟନ୍ତୀ ଆଉ ଇଦ୍-ଉଲ୍-ଫିତର୍ ପାଳନ୍ ବେଲ୍‌କେ ରାଏଜେ ଆଇନ ଶୃଙ୍ଖଳା ଥିତିର ନିୟନ୍ତ୍ରଣ ଆଉ ରାଜ୍ୟବାସୀଙ୍କର୍ ସୁରାକ୍ଷା ଲାଗି ରାଜ୍ୟ ପୁଲିସ ମୁଖ୍ୟାଳୟଠାନେ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ଆଭାସୀ ଜରିଏ ହେଇଥିବା ଇ ବୈଠକ୍‌ଥି ଶ୍ରୀ ଖୁରାନିଆ ଇ ତିହାର୍‌ମାନ୍‌ଙ୍କୁ କେନ୍ତା କରି ଶୃଙ୍ଖଳିତ୍ ଭାବେ ପାଳନ୍ କରାଯିବା ସେ ଉପ୍‌ରେ ଧିଆନ୍ ଦେବାର୍‌କେ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ସୋସିଆଲ୍ ମିଡିଆ ଗୁଜବ୍‌କେ ରୁକ୍‌ବାର୍ ଲାଗି ଜିଲ୍ଲାମାନ୍‌କେ କାମ୍ କରୁଥିବା ସାଇବର୍ ସେଲ୍‌ମାନେ ସାମାଜିକ୍ ଗଣମାଧ୍ୟମ୍ ଉପ୍‌ରେ ୨୪ ଘଂଟିଆ ନଜର୍ ରଖିବାର୍ ଲାଗି ଭିଲ୍ ଡିଜିପି ନିର୍ଦ୍ଦେଶ୍ ଦେଇଛନ୍ ।

ଭତା ଆବେଦନ ଭୁବନେଶ୍ୱର ସମ୍ବାଦଦାତା

ରାଏଜେ ଇହାଦେ ଭିନ୍ ଭିନ୍ ସାମାଜିକ୍ କଲ୍ୟାଣ ଯୋଜ୍ନାଥି ୬ ଲାଖ୍ ୪୬ ହଜାର ୮୮ ଝନ୍ ହିତାଧିକାରୀ ଭତା ଲାଗି ଆବେଦନ୍ କରିଛନ୍ ବଲି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାନ କହିଛନ୍ । ସେମାନଙ୍କର୍ ଭିତ୍ରୁ ଭିନ୍ନକ୍ଷମ ଭତା ଲାଗି ୪୦ ହଜାର ୯ ଶହ ୨୭ ଝନ୍, ବିଧବା ଭତା ଲାଗି ୬୧ ହଜାର ୫ ଶହ ୭୯, ବାର୍ଦ୍ଧକ୍ୟ ଭତା ଲାଗି ୪ ଲାଖ୍ ୬୪ ହଜାର ୮ ଶହ ୪୯ ଝନ୍ ଆଉ କୃଷ୍ଠରୋଗୀ ଭତା ଲାଗି ୨ ଶହ ୬୯ ଝନ୍ ଆବେଦନ୍ କରିଛନ୍ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ଆର୍ଥ ଆୱାର୍ ଆର୍ଏନ୍ୟୁ/ ସମ୍ବଲପୁର

ପୁର୍ଥିର୍ ସୁରକ୍ଷା ଲାଗି ଫି ବଛର୍ ମାର୍ଚ୍ଚ ମାସର୍ ଶେଷ୍ ଶନିବାର୍ ଦିନ ଆର୍ଥ ଆୱାର୍ ପାଲନ୍ କରାଯାଏସି । ଇ ସମିଆଥି ପୁର୍ଥିବାସୀ ଗୁଟେ ଘଂଟା ଲାଗି ନିଜର୍ ବିଜ୍ଲିର୍ ଅଦର୍କାରୀ ବେଭାର୍କେ ବନ୍ଦ କର୍ସନ । ଯେତ୍କି ଦର୍କାର ଲାଇଟ୍ ଜାଲିକରି ବାକି ସବୁ ବନ୍ଦ ରଖ୍ସନ୍ । ଆଏଜ୍ ଇ ଅବ୍ସରେ

ରାଜ୍ୟବାସୀଙ୍କୁ ରାତି ସାଢ଼େ ୮ନୁ ସାଢ଼େ ୯ ବଜେ ତକ୍ ଗୁଟେ ଘଂଟା ଲାଗି ଅଦର୍‌ବାରୀ ବିଜ୍‌ଲି ବେଭାର୍‌କେ ବନ୍ଦ କର୍‌ବାର ଲାଗି ରାଜ୍ୟ ସରକାରଙ୍କର୍ ତର୍‌ଫୁ ନିବେଦନ୍ କରାଯାଇଛେ ।

ଉତରପ୍ରଦେଶ ମହିଳା ଶିଶୁ କଲ୍ୟାଣ ମନ୍ତ୍ରୀ I&PR

ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ ଉପମୁଖ୍ୟମନ୍ତ୍ରୀ ଆଉ ପ୍ରଭାତି ପରିଡ଼ାଙ୍କୁ ଓଡ଼ିଶା ଗସ୍ତଥି ଆସିଥିବା ଉତର ପ୍ରଦେଶରର ମହିଳା ଆଉ ଶିଶୁ କଲ୍ୟାଣମନ୍ତ୍ରୀ ବେବୀରାଣୀ ମୌର୍ଯ୍ୟା ଭେଟିକରି ଦୁହି ରାଏଜେ ଚାଲିଥିବା ନିଜର୍ ବିଭାଗର୍ ଭିନ୍ ଭିନ୍ ଜନ୍‌କଲ୍ୟାଣକାରୀ ଯୋଜ୍‌ନାମାନଙ୍କର ବାବ୍‌ଦେ ଆଲୋଚନା କରଛନ୍ । ଖାସ୍ କରି ଓଡ଼ିଶାନ ଚାଲିଥିବା ସୁଭଦ୍ରା ଯୋଜ୍‌ନାର କାର୍ଯ୍ୟକାରିତା ଆଉ ସଫଲ୍‌ତା ବାବ୍‌ଦେ ବିସ୍ତୃତି ଭାବେ ଆଲୋଚନା ହେଇଥିଲା ।

ବୁଥ୍ ସ୍ତରେ ଏଜେଂଟ ନିଯୁକ୍ତି ବୈଠକ୍- କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜିଲ୍ଲା ପରିଷଦ ସଭାଗୃହଠାନେ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ସଦସ୍ୟଙ୍କର୍ ସଙ୍ଗେ ବୁଥ୍ ସ୍ତରେ

ଏଜେଂଟ ନିଯୁକ୍ତି ବାବ୍ଦେ ପ୍ରଶାସନ୍ର ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲା ଭିନ୍ନ ଭିନ୍ ନିର୍ବାଚନ ମଣ୍ଡଳୀର୍ ନିର୍ବାଚନ୍ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଭୋଟର୍ ତାଲିକାକେ ଫିଟିକ୍ ଆଉ ଆଦର୍ଶ କର୍ବାର୍କେ ରାଜନୈତିକ୍ ଦଳର୍ ଭୂମିକା ଉପ୍ରେ ଜୋର୍ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୨୪ ଘଂଟା ଭିତ୍ରେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ସୁନ୍ଦର୍ଗଡ଼୍, ଦେବ୍ଗଡ଼୍ , ଅନୁଗୁଳ, ଢେଙ୍ଗାନାଲେ ସହେତେ ୧୨ ଟା ଜିଲ୍ଲା ନ ଘଡ଼୍ଘଡ଼ି ସାଙ୍ଗେ ଜବର୍ ବର୍ଷାକେ ନେଇକରି ପାଣିପାଗ୍ କେନ୍ଦ୍ର ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛେ । ସେନ୍ତା ପଶ୍ଚିମ ଓଡ଼ିଶା ସହେତେ ୧୨ ଟା ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।